**କୋରାପୁଟ ଆଞ୍ଚଳିକ ଭାକ୍ସିନ୍ କେନ୍ଦ୍ରକୁ ଆଇଏସଓ ୯୦୦୧:୨୦୧୫ ମାନ୍ୟତା**

କୋରାପୁଟ,(ସ୍ୱ.ପ୍ର.): କୋରାପୁଟ ଜିଲା ସଦର ମହକୁମାଠାରେ ଥିବା ଆଞ୍ଚଳିକ ଭାକ୍ସିନ ସେଣ୍ଟରର ଆଇଏସଓ ୯୦୦୧: ମାନ୍ୟତା ପାଇଥିବା ଜିଲାପାଳ ଅବଦାଲ ଏମ. ଅଖତାର ବୁଧବାର ସୂଚନା ଦେଇଛନ୍ତି। କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏହି ଭାକ୍ସିନ କେନ୍ଦ୍ରରେ ଅବିଭକ୍ତ କୋରାପୁଟ ଜିଲାର ୪ଟି ଜିଲାର ଔଷଧ ଓ ଭ୍ୟାକସିନ ରଖିବା ସୁବିଧା ରହିଛି। ରାଜ୍ୟର ଭୁବନେଶ୍ୱରରୁ ସିଧା କୋରାପୁଟ ଆଞ୍ଚଳିକ ଭ୍ୟାକସିନ କେନ୍ଦ୍ରକୁ ବିଭିନ୍ନ ଭାକ୍ସିନ ଓ ଔଷଧ ଆଦି ଆସି ରହିଥାଏ। ପରେ ଏଠାରୁ କୋରାପୁଟ ଜିଲା ସମେତ ମାଲକାନଗିରି ଓ ନବରଙ୍ଗପୁର ଜିଲାକୁ ପଠାଯାଇଥାଏ। କୋରାପୁଟ ଆଞ୍ଚଳିକ ଭାକ୍ସିନ ସେଣ୍ଟରକୁ ଆଇଏସଓ ୯୦୦୧ ମାନ୍ୟତା ମିଳିଥିବାରୁ ଜିଲାବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

## ସଂକ୍ଷେପରେ

### ସୀମାନ୍ତରେ ଗାଡ଼ି ପୋଡ଼ିଲେ ମାଓବାଦୀ

**ମାଲକାନଗିରି,୨୩।୨ (ଡି.ଏନ.ଏ.):** ମାଲକାନଗିରି ସୀମାନ୍ତ ଛତିଶଗଡ଼ର ତୁମାଗୁଡମ ଓ ଚିନ୍ତାଗୁଫା ମଧ୍ୟରେ ରାସ୍ତା କାମରେ ନିୟୋଜିତ ୭ଟି ଗାଡ଼ିକୁ ମଙ୍ଗଳବାର ରାତିରେ ମାଓବାଦୀମାନେ ଜାଳି ଦେଇଛନ୍ତି। ଏହି ରାସ୍ତା କାମକୁ ସେମାନେ ପୂର୍ବରୁ ବିରୋଧ କରି ଆସୁଥିଲେ। ଗତ ରାତିରେ କେତେକ ସଶସ୍ତ୍ର ମାଓବାଦୀ କାମ ସ୍ଥଳକୁ ଆସି ଏଥିରେ ନିୟୋଜିତ ଟ୍ରାକ୍ଟର ସହ ଅନ୍ୟ ଗାଡ଼ିଗୁଡ଼ିକରେ ନିଆଁ ଲଗାଇ ଦେଇଥିଲେ। ପରେ ରାସ୍ତା କାମ କଲେ ଜୀବନରୁ ମାରିଦେବାକୁ ସେଠାରେ କାମ କରୁଥିବା କର୍ମଚାରୀଙ୍କୁ ମାଓବାଦୀମାନେ ଧମକ ଦେଇଥିଲେ। ତେବେ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟକୁ ବାଧା ଦେବା ଏବଂ ନିଜର ସ୍ଥିତି ଜାହିର କରିବାକୁ ମାଓବାଦୀମାନେ ଏଭଳି ଘଟାଇଥିବା ଅନୁମାନ କରାଯାଉଛି। ଖବରପାଇ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସିପିଆଇ ପକ୍ଷରୁ ଗଣବିକ୍ଷୋଭ



**ଜୟପୁର,୨୩।୨(ନି.ପ୍ର.):** ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ୨୬ର ମୁଖ୍ୟ ଟ୍ରାଫିକ ଛକଠାରେ କୋରାପୁଟ ଜିଲା ସିପିଆଇ ପକ୍ଷରୁ ବୁଧବାର ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଆକ୍ରମଣ ଏବଂ ଢିଙ୍କିଆ ଜନସାଧାରଣଙ୍କ ଉପରେ ପୋଲିସର ଆକ୍ରମଣ ପ୍ରତିବାଦରେ ସିପିଆଇ ନେତା ଓ କର୍ମୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯାଜପୁରରେ ଖବରଦାତାମାନଙ୍କ ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କରାଯିବା ସହ ସମସ୍ତ ଆକ୍ରମଣକାରୀଙ୍କୁ ଶୀଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ଗଣବିକ୍ଷୋଭରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି, ଜିଲା ସହ ସମ୍ପାଦକ ରାମକୃଷ୍ଣ ଦାସ, ଯୁବ ଛାତ୍ର ଆବାହକ ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

### ପାନୀୟ ଜଳ ସମସ୍ୟା ସମାଧାନ ଦାବିକଲା ଭାଜପା



**ରାୟଗଡ଼ା ଅଫିସ,୨୩।୨:** ରାୟଗଡ଼ା ସହରରେ ଜଳ ସଙ୍କଟ ଦେଖାଦେଇଛି। ଗ୍ରୀଷ୍ମ ଋତୁରେ ଏହା ଆହୁରି ବଢ଼ିବ ତେଣୁ ଯଥା ଶୀଘ୍ର ସହରରେ ପାନୀୟ ଜଳ ଯୋଗାଣର ସୁବ୍ୟବସ୍ଥା ନିମନ୍ତେ ଭାଜପା ପକ୍ଷରୁ ଦାବି ହୋଇଛି। ସମସ୍ତ ଷ୍ଟାଣ୍ଡ ପୋଷ୍ଟର ମରାମତି, ସମସ୍ତ ଛକରେ ନୂତନ ଷ୍ଟାଣ୍ଡପୋଷ୍ଟ ସ୍ଥାପନ ନିମନ୍ତେ ଜନ ସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। କସ୍ତୁରୀ ନଗର ଏବଂ ନିୟୁ କଲୋନୀରେ ଦୀର୍ଘ ଦିନ ହେଲା ଜଳ ଯୋଗାଣ ପାଇଁ ମାଟି ଖୋଳାଯାଇଥିଲେ ମଧ୍ୟ ପାଇପ୍‌ଲାଇନ ପଡ଼ିନାହିଁ। ତୁରନ୍ତ ପାଇପ୍ ପକାଇବା ବ୍ୟବସ୍ଥା କରିବାକୁ କୁହାଯାଇଛି। କୋଟଲାଗୁଡ଼ା, ସିରିଗୁଡ଼ା, ଭିମା ସାହି, ମଝିଘରିଆଣୀ ମନ୍ଦିର ଅଞ୍ଚଳଏବଂ ସହରର ଅନେକ ସ୍ଥାନରେ ଶୀଘ୍ର ନଳକୂପ ଖନନ କରିବା ଏବଂ ପାଣି ଆସୁ ନ ଥିବା ଅଞ୍ଚଳକୁ ତୁରନ୍ତ ପାଣି ଟ୍ୟାଙ୍କର ପଠାଇବା ପାଇଁ ଦଳ ଦାବି କରିଛି। ନଗର ଭାଜପା ସଭାପତି ବିଦ୍ୟା ଭୂଷଣ ପଣ୍ଡାଙ୍କ ନେତୃତ୍ୱରେ ଜିଲା ଯୁବମୋର୍ଚ୍ଚା ସଭାପତି ଶ୍ୟାମ କୁମାର ଦାଶ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଅଜୟ କୁମାର ତୃଲେଟ, ଅନୁସୂଚିତ ଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ଟି. ନାଗରାଜୁ, ନଗର ଉପସଭାନେତ୍ରୀ ମଞ୍ଜୁଳା ମିନିଆକା, ଝରଣା ପାଣି, ନଗର ଯୁବ ମୋର୍ଚ୍ଚା ଉପସଭାନେତ୍ରୀ ତାନବି ଅଗ୍ରୱାଲ, ସାଧାରଣ ସମ୍ପାଦକ ଜୟରାମ ବର୍ମା, ନଗର ଜନଜାତି ମୋର୍ଚ୍ଚା ସାଧାରଣ ସମ୍ପାଦକ ସଞ୍ଜୁକ୍ତାଙ୍କ ସମେତ ସମସ୍ୟାରେ ଥିବା ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ବିଏସଏଫର ଜନସଂପର୍କ ଶିବିର

**କୋରାପୁଟ,୨୩।୨(ସ୍ୱ.ପ୍ର):** କୋରାପୁଟ ଜିଲା ଅନକାଡେଲିସ୍ଥିତ ବିଏସ୍‌ଏଫ୍‌ର ୬୫ ବାଟାଲିୟନ ପକ୍ଷରୁ ବୁଧବାର ବଡ ଡୁରାଲ ଗ୍ରାମରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଡେପୁଟି କମାଣ୍ଡାଣ୍ଟ ଗଗନ ଶର୍ମା, ଡି ଏସ ମୀନାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଜନସମ୍ପର୍କ ଶିବିରରେ ବଡ ଡୁରାଲ ଗ୍ରାମ ସମେତ ଶିଶାଲପୁଟ, ବରାଙ୍ଗବାଡି, ଗାଦବାପଡା, କଣ୍ଟାବାଉଁଶ, ପଡିପାଦ ଆଦି ୬ ଗ୍ରାମରୁ ୧୪୪ ଜଣ ଗ୍ରାମବାସୀ ଯୋଗ ଦେଇଥିଲେ। ଶିବିରରେ ଗ୍ରାମବାସୀଙ୍କୁ ଶାଢି ଲୁଙ୍ଗି, ଗାମୁଛା, ଟର୍ଚ୍ଚ, ଚାର୍ଜିଙ୍ଗ ଲାଇଟ, ହାଣ୍ଡି ଆଦି ବିଭିନ୍ନ ଘରୋଇ ସାମଗ୍ରୀ ସମେତ ବହୁ କ୍ରୀଡା ସାମାଗ୍ରୀମାନ ବଣ୍ଟନ କରିଥିଲେ।

# ସୀମାନ୍ତ ଗ୍ରାମବାସୀଙ୍କୁ ରୋଜଗାର ବାଟ ଦେଖାଇବ ଷ୍ଟ୍ରବେରି ଚାଷ

**ପଟାଙ୍ଗୀ,୨୩।୨(ଡି.ଏନ.ଏ.)**

ସୀମାନ୍ତ ଗ୍ରାମରେ ବସବାସ କରୁଥିବା ଲୋକେ କିପରି ସ୍ୱାବଲମ୍ବୀ ହୋଇ ରୋଜଗାରକ୍ଷମ ହୋଇ ପାରିବେ ସେନେଇ ଜିଲା ପ୍ରଶାସନ ବିଭିନ୍ନ ଯୋଜନାମାନ କାର୍ଯ୍ୟକାରୀ କରିଆସୁଛି। କୋରାପୁଟ ଜିଲା ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତ ଅନ୍ତର୍ଗତ ଡୋଲିଆମ୍ବ ଗ୍ରାମବାସୀଙ୍କ ପାଇଁ ଏବେ ଷ୍ଟ୍ରବେରି ଚାଷ ନୂଆ ଆଶା ଦେଖାଇଛି। ପ୍ରଶାସନ ପକ୍ଷରୁ ଜୈବିକ ପଦ୍ଧତିରେ କରାଯାଇଥିବା ଏହି ଚାଷ ଆଗାମୀ ଦିନରେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିପାରି ଏ ଆଶା ଉଜ୍ଜ୍ୱଳ ହୋଇଛି। କୋରାପୁଟ ଜିଲାର ପଟାଙ୍ଗୀ ବ୍ଲକରେ ଷ୍ଟ୍ରବେରି ଚାଷ ପାଇଁ ମଧ୍ୟ କୋଟିଆ ପଞ୍ଚାୟତବାସୀ ସହଯୋଗର ହାତ ବଢ଼ାଇଛନ୍ତି। ଏବେ ଡୋଲିଆମ୍ବ ଗ୍ରାମବାସୀ କିପରି



ଅଞ୍ଚଳବାସୀ ଷ୍ଟ୍ରବେରିକୁ ଦେଖାଉଛନ୍ତି।



, ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଷ୍ଟ୍ରବେରି ଚାଷ।

ଉନ୍ନତମାନର ଷ୍ଟ୍ରବେରି ଚାଷ କରି ଲାଭବାନ ହେବେ ଏହାକୁ ଦୃଷ୍ଟିରେ ରଖି ଜିଲାପାଳ ଅବଦାଲ ଏମ. ଅଖତରଙ୍କ ନିର୍ଦ୍ଦେଶରେ ଆଇଟିଡିଏ ପକ୍ଷରୁ ଜୈବିକ ପଦ୍ଧତିରେ ଡ୍ରପିଓମଲ୍ଟିଂ ମାଧ୍ୟମରେ ଏହି ଚାଷ ପାଇଁ ତାଲିମ ବ୍ୟବସ୍ଥା ହୋଇଥିଲା। ପୁଣେରୁ ଷ୍ଟ୍ରବେରି ଚାରା ଆଣି ପ୍ରାୟ ୫ଏକର ଜମିରେ ଚାଷ କରାଯାଇଥିଲା । ଯାହା ଏବେ ଅମଳ ହୋଇଛି। ଅମଳ ଷ୍ଟ୍ରବେରିକୁ କିପରି ବାହାର ବଜାରରେ ଉଚିତ ମୂଲ୍ୟରେ ବିକ୍ରି ହୋଇପାରିବ ସେନେଇ ମଧ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିବା ଆଇଟିଡିଏର ଜିଲା ପ୍ରକଳ୍ପ ସଂଯୋଜକ କାଶୀପ୍ରସାଦ ନାୟକ କହିଛନ୍ତି। ସେ କହିଛନ୍ତି ଯେ, ୩୫ ଲକ୍ଷ ଟଙ୍କା ର ଏକ ଯୋଜନା ପ୍ରସ୍ତୁତ କରି ଏପରି ଉନ୍ନତ ମାନର ଚାଷ କରାଯାଇଛି। ବର୍ତ୍ତମାନ ଷ୍ଟ୍ରବେରି ଫଳ ବଜାରରେ କିଲୋ ପିଛା ୪୦୦ରୁ ୫୦୦ଟଙ୍କା ବିକ୍ରି ହେଉଛି। ଡୋଲିଆମ୍ବ ଗ୍ରାମରେ ଅମଳ ହୋଇଥିବା ଷ୍ଟ୍ରବେରି କିପରି ହୋଲସେଲ ଦରରେ ୨୫୦ ଟଙ୍କା ମଧ୍ୟରେ ବିକ୍ରି ହେବ ସେନେଇ ବିଭିନ୍ନ ହୋଲସେଲରମାନଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ନାୟକ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଏପଟେ ଜିଲା ପ୍ରଶାସନ ପକ୍ଷରୁ ଏପରି କାର୍ଯ୍ୟକ୍ରମ ଡୋଲିଆମ୍ବଠାରେ କରାଯାଉଥିବା ବେଳେ ପଡୋଶୀ ଆନ୍ଧ୍ରର ଅତିରିକ୍ତ ପିଡି ଡିଆରଡିଏ ୱାଇ. ସତ୍ୟମ ନାଇଡୁଙ୍କ ତତ୍ତ୍ୱାବଧାନରେ ସାଲୁର ବ୍ଲକର ଏପିଏମ୍ ଜୟାମାଁ ଏବଂ ସିସି ନିର୍ମଳା ପ୍ରମୁଖ ଫାଟୁସିନେରି ଗ୍ରାମରେ ପହଞ୍ଚି ଅମଳ ହୋଇଥିବା ହଳଦୀ ଓ ଗ୍ରାମବାସୀଙ୍କ ନିକଟରେ ଗଚ୍ଛିତ ରହିଥିବା ତେନ୍ତୁଳି କିପରି ଆନ୍ଧ୍ର ବଜାରରେ ଉଚିତ ମୂଲ୍ୟରେ ବିକ୍ରି ହୋଇପାରିବ ସେନେଇ ଲୋକଙ୍କ ସହ ଆଲୋଚନା କରି ଫେରିଥିବା ଜଣାପଡ଼ିଛି ।

## ବନ୍ଧରେ ବୁଡ଼ି ଦୁଇ ନାବାଳିକା ମୃତ

**ମାଲକାନଗିରି,୨୩।୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ମୁଣ୍ଡାଗୁଡାରେ ବୁଧବାର ଦୁଇ ନାବାଳିକା ଖେଳୁଥିବା ବେଳେ ବନ୍ଧରେ ବୁଡ଼ିଯାଇ ମୃତ୍ୟୁ ଘଟିବା ପରି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଗ୍ରାମରେ ରୁନା ହାଲବାଙ୍କ ଝିଅ ଆରତି ଓ ରୈନାଥ ହାଲବାଙ୍କ ଝିଅ (୮) ନନ୍ଦିନୀ ଗ୍ରାମରେ ଥିବା ବନ୍ଧ ନିକଟରେ ସାଙ୍ଗ ହୋଇ ଖେଳୁଥିଲେ । ଏହି ସମୟରେ ଉଭୟେ ଭାରସାମ୍ୟ ହରାଇ ବନ୍ଧରେ ଖସିପଡିଥିଲେ। ଆରତି ଏବଂ ନନ୍ଦିନୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜା ଖୋଜି କରିଥିଲେ। ଉଭୟେ ବନ୍ଧ ନିକଟରେ ଖେଳୁଥିବା ଜାଣିବା ପରେ ପରିବାର ଲୋକେ ସେମାନଙ୍କୁ ନ ପାଇ ବନ୍ଧ ଭିତରେ ଖୋଜାଖୋଜି କରି ପାଇ ନ ଥିଲେ। ଶେଷରେ ସେମାନେ ମାଲକାନଗିରି ଥାନାକୁ ଉଭୟଙ୍କ ନିଖୋଜ ସମ୍ପର୍କରେ ଜଣାଇ ମାଲକାନଗିରି ଦମକଳବାହିନୀକୁ ଖବର ଦେଇଥିଲେ। ପରେ ଦମକଳ ବାହିନୀ ଏବଂ ମାଲକାନଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲା। ଦମକଳବାହିନୀ ବନ୍ଧରୁ ଉଭୟ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଜାରି ରଖିଛି ।

# ରୋଟାରି କ୍ଲବ ପ୍ରତିଷ୍ଠା ଦିବସରେ ଛାତ୍ରୀଙ୍କୁ ଜ୍ଞାନକୌଶଳ ଶିକ୍ଷା

**ମାଲକାନଗିରି,୨୩।୨ (ଡି.ଏନ.ଏ.)**

ମାଲକାନଗିରି ଜିଲା ସଦର ମହକୁମା ଘଡେଇ ଆବାସିକ ମହାବିଦ୍ୟାଳୟ ପରିସରରେ ବୁଧବାର ରୋଟାରି କ୍ଲବର ୨୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ରୋଟାରି କ୍ଲବ ସଭାପତି ଏ. ଈଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡା. ଅନୁପମା ମହାନା, ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁ, ମାର୍ଶାଲ ଅର୍ଟ୍ସ ଏକାଡେମୀ ମାଷ୍ଟର ଟ୍ରେନର ବିନାଶ ମିଶ୍ର, ଅତିରିକ୍ତ ଗଭର୍ନର୍ ଜି. ଶ୍ୟାମବାବୁ ଦୋରା, ରୋଟାରିୟାନ ଲବ ସାହୁ, ଦୁର୍ଯ୍ୟୋଧନ ପାତ୍ର, ଘଡେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ଘଡେଇ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଉପସ୍ଥିତ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ପରିବହନ ଅଧିକାରୀ ମୁର୍ମୁ ସଡକ ସୁରକ୍ଷା, ଗାଡି ଚଳାଇବା ସମୟରେ ସାବଧାନତା, ଦୁର୍ଘଟଣା ଘଟିଲେ ସରକାରଙ୍କ ସହାୟତା, ଯାନବାହାନ ଚଳାଚଳ ନେଇ ଲାଇସେନ୍ସ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ଡା.ମହାନ୍ତା ଛାତ୍ରୀମାନଙ୍କୁ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇ ଏନେଇ ସତର୍କ ରହିବାକୁ କହିଥିଲେ। ଶେଷରେ ମାର୍ଶାଲ ଆର୍ଟ ମାଷ୍ଟର ଟ୍ରେନର ବିନାଶ ମିଶ୍ର ଓ ତାଙ୍କ ଟିମ୍ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ବିଭିନ୍ନ ଜ୍ଞାନ କୌଶଳ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମରେ ଘଡାଇ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଅଂଶଗ୍ରହଣ କରି ପରିଚାଳନା କରିଥିଲେ।

# ଚିତ୍ରକୋଣ୍ଡା: ବିଧାୟକଙ୍କ ପାଇଁ ସମ୍ମାନର ପ୍ରଶ୍ନ

**ମାଲକାନଗିରି,୨୩।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ମାଓବାଦୀ ସମସ୍ୟା ଯୋଗୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ହୋଇପାରି ନ ଥିଲା। ବ୍ଲକର ମୋଟ ୧୮ଟି ପଞ୍ଚାୟତକୁ ନେଇ ଗଠିତ ଚିତ୍ରକୋଣ୍ଡାର ୨ଟି ଜିଲା ପରିଷଦ ଜୋନ୍ ସହ ପଞ୍ଚାୟତ ଓ ସମିତିସଭ୍ୟ ନିର୍ବାଚନ ସୁରୁଖୁରୁରେ କରାଇବା ଲାଗି ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛି। ସବୁ ପଞ୍ଚାୟତର ଜନସାଧାରଣଙ୍କ ମଧ୍ୟରେ ମତଦାନ ଲାଗି ଉତ୍ସାହ ଦେଖାଦେଇଛି। ଦୁଇଟି ଜିଲା ପରିଷଦ ଜୋନ୍ ହାତେଇବା ଲକ୍ଷ୍ୟରେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ରଣନୀତି ପ୍ରସ୍ତୁତ କରିଛନ୍ତି। ଚିତ୍ରକୋଣ୍ଡା ୧ ନମ୍ବର ଜୋନ୍ ୮ଟି ପଞ୍ଚାୟତ ଚିତ୍ରକୋଣ୍ଡା, ଦୋରାଗୁଡ଼ା, ନୂଆଗୁଡ଼ା, ଗୁଣ୍ଠାୱାଡ଼ା, କପାଟୁଟି, ଟେନେଲକ୍ୟାମ୍ପ, ପାପୁଲୁର ଓ କୁରୁମାନୁର ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ୨ ନମ୍ବର ଜୋନ୍ ବଡ଼ପଦର, ବଡ଼ପଡ଼ା, ପାପରମେଟେଲା, ରାଲେଗାଡ଼ା, ଧୂଳିପୁଟ, ଯୋଡ଼ାମ୍ବ, ପଣଶପୁଟ, ଗାଜୁଲୁମାମୁଡ଼ି, ଅଣ୍ଡିରାପାଲି ଓ ଯନ୍ତ୍ରୀ ପଞ୍ଚାୟତକୁ ନେଇ ଗଠିତ ହୋଇଛି। ଏହି ଦୁଇ ଜୋନ୍‌ରେ ସବୁ ରାଜନୈତିକ ଦଳ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଗତ ସାଧାରଣ ନିର୍ବାଚନରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ବିଜୟୀ ହୋଇଥିବାରୁ ଏହି ପଞ୍ଚାୟତ ନିର୍ବାଚନ ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳରେ ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ବ୍ଲକର ସ୍ୱାଭିମାନ ଅଞ୍ଚଳରେ ମଧ୍ୟ ଆଖି ଦୃଶିଆ ବିକାଶ ହୋଇଛି। ଗୁରୁପ୍ରିୟା ସେତୁ ହେବା ପରେ ଗମନାଗମନ, ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆସିଛି। ଏପରି କ୍ଷେତ୍ରରେ ବିଧାୟକ ସ୍ଥାନୀୟ ଭୋଟରଙ୍କୁ କେତେଦୂର ଆକୃଷ୍ଟ କରିପାରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

PARADIP PORT TRUST
e-TENDER CALL NOTICE
Name of the work: **"Allotment of 09 (Nine) nos. of Manual Iron Ore/Iron Ore Pellet Plots"** License Fees: **Rs.2,35,85,958/-**, Wharfage Fees: **Rs.6,17,041/-**, Last date & Time of submission of bid: **08.03.2022 up to 16:00 hrs.** Date and time of opening (technical bid): **08.03.2022 up to 16:00 hrs.**
Refer our website for details **https://eprocure.gov.in/eprocure/app.**
**Traffic Manager, PPT**
PPT/PR/152/21-22, Dt.23/02/2022

# ବିଏସ୍‌ଏଫ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ନାମେଣ୍ଟ

**କୁଡୁମୁଲୁଗୁମ୍ମା, ୨୩।୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାସ୍ଥିତ ୧୫୧ ବିଏସ୍‌ଏଫ୍ ବ୍ୟାଟାଲିୟନ କ୍ୟାମ୍ପ ପରିସରରେ ଏକ ଦିନିକିଆ ଭଲିବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଏମବିଏଫସି ଓ ସିଦ୍ଧ ବିନାୟକ ଯୁବ ଗୋଷ୍ଠୀ ମଧ୍ୟରେ ହୋଇଥିବା ମ୍ୟାଚରେ ସିଦ୍ଧ ବିନାୟକ ଦଳ ୨–୦ ସେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଟୁର୍ନାମେଣ୍ଟରେ ବିଏସ୍‌ଏଫ୍ ର କମାଣ୍ଡିଂ ଅଫିସର ଅଜୟ କୁମାର, ସେକେଣ୍ଡ ଇନ କମାଣ୍ଡ ରବୀନ୍ଦ୍ର ଠାକୁର, ଆସିଷ୍ଟାଣ୍ଟ କମାଣ୍ଡର ସନ୍ଦୀପ ଜାମ୍ୱାଲ, କୁଡୁମୁଲୁଗୁମ୍ମା ଇନ୍ସପେକ୍ଟର ଅରୁଣ କୁମାର ଓ ହେଡ କନଷ୍ଟେବଳ ନରହରି ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ବିଜୟୀ ଓ ଉପ ବିଜୟୀ ଦଳକୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିବା ସହ ସମସ୍ତ ଖେଳାଳିଓଙ୍କୁ ସ୍ପୋର୍ଟ୍ସ ଟି–ସାର୍ଟ ମାନ ପ୍ରଦାନ କରିଛନ୍ତି। କୁଡୁମୁଲୁଗୁମ୍ମା ସ୍ପୋର୍ଟିଂ କ୍ଲବ ସଭାପତି ଲଳିତ ରାଉତ, ସମାଜିକକର୍ମୀ ବାଳକୃଷ୍ଣ ପ୍ରଧାନ ଓ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।




ବିଏସ୍‌ଏଫ୍ ପକ୍ଷରୁ ଯୁବକମାନଙ୍କୁ ସାମଗ୍ରୀ ପ୍ରଦାନ କରାଯାଉଛି।

## ସାଇକେଲକୁ ପିଟିଲା ବାଇକ,ଜଣେ ମୃତ

### ମୃତଦେହ ରଖି ଉତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ

**କୁନ୍ଦୁରା,୨୩।୨ (ଡି.ଏନ.ଏ. )**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଉପଖଣ୍ଡ କାଉଡିଆଗୁଡା କନ୍ୟାଶ୍ରମ ନିକଟରେ ଜଣେ ସାଇକେଲ ଆରୋହୀଙ୍କୁ ଏକ ବାଇକ୍ ବୁଧବାର ଧକ୍କା ଦେଇଛି। ଫଳରେ ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ ଲିମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପୁକିଆଗୁଡା ଗ୍ରାମର ନିଳକଣ୍ଠ ହରିଜନ (୩୫)। ନିଳକଣ୍ଠ ସାଇକେଲରେ ଯାଉଥିବା ବେଳେ କନ୍ୟାଶ୍ରମ ନିକଟରେ ବାଇକ୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ପରେ ବାଇକ୍ ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ସମ୍ପର୍କୀୟମାନେ ରାସ୍ତା ଉପରେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି। ତହସିଲଦାର ଆୟୁବ୍ ମଣ୍ଡଳ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ତଦନ୍ତ ଅଧିକାରୀ ଗୋବିନ୍ଦ ହାସଂଦା କହିଛନ୍ତି।

# କୋରାପୁଟ: ୨ ବ୍ଲକର ୧୦ଲକ୍ଷରୁ ଉର୍ଦ୍ଧ୍ୱ ମତଦାତା କରିବେ ମତଦାନ

**କୋରାପୁଟ/ବୈପାରିଗୁଡା, ୨୩।୨(ସ୍ୱ.ପ୍ର./ଡି.ଏନ.ଏ.)**

ଗୁରବାର କୋରାପୁଟ ଜିଲାରେ ଗୁରୁବାର ହେବାକୁ ଯାଉଛି ଶେଷ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ପର୍ଯ୍ୟାୟରେ କୋରାପୁଟ ଜିଲାର ମାଓବାଦୀ ପ୍ରବଣ ବ୍ଲକ ଭାବେ ପରିଚିତ ବୈପାରିଗୁଡା ବ୍ଲକର ୨୪୪ ବୁଥ୍ ଓ ଲମତାପୁଟ ବ୍ଲକର ୧୭୬ ବୁଥ୍‌ରେ ମତଦାନ ହେବ । ୨ ବ୍ଲକର ମୋଟ ୧ଲକ୍ଷ ୧୦ ହଜାର ୯୮୫ ମତାଦାତା ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ଏହି ବୁଥ୍‌ଗୁଡିକ ମଧ୍ୟରେ ୫ଟି ଅତି ସମ୍ବେଦନଶୀଳ ବୁଥ୍ ରହିଥିବା ବେଳେ ୧୩୫ଟି ସମ୍ବେଦନଶୀଳ ବୁଥ ରହିଛି। ଏହି ପର୍ଯ୍ୟାୟରେ ଉକ୍ତ ୨ ବ୍ଲକର ୪ ଜିଲା ପରିଷଦ ଜୋନ ପାଇଁ ନିର୍ବାଚନ ହେବ । ସେଥିରେ ବୈପାରିଗୁଡା ବ୍ଲକର ୨ଟି ଏବଂ ଲମତାପୁଟ ବ୍ଲକର ୨ଟି ଜିଲା ପରିଷଦ ଜୋନ ରହିଛି। ୨ ବ୍ଲକର ଅତି ସମ୍ବେଦନଶୀଳ ଓ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ଭିଡିଓ ରେକର୍ଡିଂ କରାଯିବ ବୋଲି ଜିଲାପାଳ ଅବଦାଲ ଏମ. ଅଖତାର କହିଛନ୍ତି।

ବୈପାରିଗୁଡା ବ୍ଲକରେ ୨ ଟି ଜିଲାପରିଷଦ ପାଇଁ ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେଉଛି। ସମୁଦାୟ ୨୦ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ତେନ୍ତୁଳିଗୁମ୍ମା ପଞ୍ଚାୟତରେ ସରପଞ୍ଚ,ସମିତି ସଭ୍ୟ ଓ ସମସ୍ତ ୱାର୍ଡମେମ୍ବର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ରହିଛନ୍ତି। ଚନ୍ଦ୍ରପଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଆସନରେ ମଧ୍ୟ ଜଣେ ମାତ୍ର ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଅଛନ୍ତି। ସମୁଦାୟ ୨୪୪ ଟି ୱାର୍ଡ ମଧ୍ୟରୁ ୧୦ ଟି ଆସନରେ ନାମାଙ୍କନ ଦାଖଲ ହୋଇନଥିବା ବେଳେ ୧୫୧ ଟି ଆସନରୁ କେହି ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି। ୮୧ ଆସନ ପାଇଁ ୧୩୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ସେହିପରି ୧୮ ପଞ୍ଚାୟତରେ ସରପଞ୍ଚ ଆସନ ପାଇଁ ୬୩ ଏବଂ ୧୯ ସମିତିସଭ୍ୟ ଆସନ ପାଇଁ ୬୦ ଜଣ ପ୍ରାର୍ଥୀ ନିର୍ବାଚନରେ ରହିଛନ୍ତି । ଜିପିଓ ରାମପ୍ରସାଦ ଦୋରା,ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଅଭିମନ୍ୟୁ କବି ଶତପଥୀ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ଥାନା ଅଧିକାରୀ ଅଶ୍ୱିନ୍ କୁମାର ପଟ୍ଟନାୟକ ନିର୍ବାଚନ ତଦାରଖ କରୁଛନ୍ତି ।

ODISHA PUBLIC SERVICE COMMISSION
NOTICE
No.1837/P.S.C., Dt.23.02.2022
(1E-21-2021-22) (DR- II)
Website - http://www.opsc.gov.in
**No.D-326:** It is for information of all concerned that, the OJS-2021 Preliminary written examination, pursuant to the Advertisement No. 23 of 2021-22 shall be held on 27.03.2022 (Sunday) as per the programme below. The centre list & Roll Numbers tagged to each centre shall be published later. The concerned candidates are advised to visit the website of the Commission (www.opsc.gov.in) regularly for further details.
PROGRAMME OF EXAMINATION

| Date | Time |
|---|---|
| 27.03.2022 (Sunday) | 10.00 A.M. to 11.30 A.M.<br>10.00 A.M. to 12.00 Noon (for PWD Candidates) |

Sd./- Secretary
OIPR-12002/11/0264/2122

ROURKELA DEVELOPMENT AUTHORITY
UDITNAGAR, ROURKELA- 769012
Mail: secretaryrda@gmail.com, GSTIN: 21AAALR0294B1ZK
No.258/ RDA, dated 22.02.2022
PROCLAMATION
It is hereby informed to the General public that, Prasanta Kumar Mishra, S/o- Late Umanath Mishra, has applied for mutation of House No. L/100 under Durgapur Foot Hill Housing Project, Stage-I, Basanti Colony in her favour consequent upon death of her father Late Umanath Mishra. If anybody has got objection to the proposed mutation, He/She may file objection petition before the undersigned within 30 (thirty) days from the date of publication of this proclamation. Objection petition shall not be entertained after expiry of the stipulated period.
Sd./- Secretary
Rourkela Development Authority

# ରାସ୍ତା କାମରେ ଅବ୍ୟବସ୍ଥା, ମାନୁନାହାନ୍ତି ଗାଇଡ୍‌ଲାଇନ

**ଗୋବିନ୍ଦପାଲି,୨୩।୨(ଡି.ଏନ୍.ଏ.)**

- ଧାର୍ଯ୍ୟ ସମୟ ସରିଯାଇଥିଲେ ମଧ୍ୟ କାମ ସରିନି
- ଜଙ୍ଗଲରୁ ମୂଲ୍ୟବାନ୍ କାଠ କାଟି ନେଇ ବ୍ୟବହାର କରୁଛନ୍ତି
- ବିନା କଂକ୍ରିଟ ବେଡ୍‌ରେ ମାଟି ଉପରେ କରାଯାଉଛି କାର୍ଯ୍ୟ

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ୨ଟି ପଞ୍ଚାୟତ ବଡଡୁରାଲ ଓ ମାଡ଼କାପଦରକୁ ବ୍ଲକ ଓ ଜିଲା ସଦର ମହକୁମା ସହିତ ଯୋଡିବା ଉଦ୍ଦେଶ୍ୟରେ ଗୋବିନ୍ଦପାଲିଠାରୁ ସୋନୁଗୁଡା ପର୍ଯ୍ୟନ୍ତ ପିଏମ୍‌ଜିଏସ୍‌ୱାଇରେ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ହେଉଛି। ରାସ୍ତା ନିର୍ମାଣରେ ହେଉଛି ଦୁର୍ନୀତି। ମାତ୍ର ଏଠାରେ ଠିକାଦାର ବିଭାଗୀୟ ଗାଇଡ୍‌ଲାଇନ କିଛି ମାନୁ ନ ଥିବା ଅଭିଯୋଗ ହେଉଛି। ବିଭାଗୀୟ ଯନ୍ତ୍ରୀ ମଧ୍ୟ କାର୍ଯ୍ୟ ତଦାରଖ କରୁ ନ ଥିବାରୁ ଠିକାଦାର ଇଚ୍ଛା ମୁତାବକ ନିମ୍ନମାନର କାମ କରୁଛନ୍ତି। ଏବେ ରାସ୍ତା ନିର୍ମାଣ ନେଇ ଧାର୍ଯ୍ୟ ସମୟ ସରିଯାଇଥିଲେ ମଧ୍ୟ କାମ ସାରିପାରିନାହିଁ। ମନ୍ଥର ଗତିରେ କାମ ହେଉଛି। ପୋଲଗୁଡିକ ଅନ୍ୟ ଜଣେ ଠିକାଦାର କରୁଥିବା ବେଳେ ସେ ନିମ୍ନମାନର କାମ କରୁଛନ୍ତି। ନିର୍ମାଣ ଆରମ୍ଭରୁ ବ୍ୟୟ ଅଟକଳ ଦର୍ଶାଇ ସୂଚନାଫଳକ ନ ଲଗାଇବା, ଜଙ୍ଗଲରୁ ମୂଲ୍ୟବାନ୍ କାଠ କାଟି ନେଇ ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିବା, କାର୍ଯ୍ୟରେ ଶିଶୁଶ୍ରମିକଙ୍କୁ ନିୟୋଜିତ କରିବା, ସୁରକ୍ଷା ନିୟମ ନ ମାନିବା, ଭାଇବ୍ରେଟର ନ ମାରିବା, ସିମେଣ୍ଟର ପରିମାଣ କମ୍ କରିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବାହାଦୁରଗୁଡା ନିକଟରେ ନିର୍ମାଣ ହୋଇଥିବା ହ୍ୟୁମ୍ ପାଇପ ପୋଲ ତଳେ କଂକ୍ରିଟ ବେଡ୍ କରା ନ ଯାଇ ବିନା କଂକ୍ରିଟ ବେଡ୍‌ରେ ମାଟି ଉପରେ ପାଇପଗୁଡ଼ିକୁ ରଖି ମାଟି ପୋତି ଦେଇଥିବା ପୂର୍ବତନ ୱାର୍ଡ ମେମ୍ବର ମଧୁ ଖିଲ, ଶୁକ୍ରା ସୀସା, ଗୁରୁବାରୀ ହନ୍ତାଳଙ୍କ ସମେତ ଗ୍ରାମବାସୀ କରିଛନ୍ତି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନ ଥିଲା।



କଂକ୍ରିଟ ବେଡ୍ କରା ନ ଯାଇ ପାଇପ ରଖାଯାଇଛି।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 375 OF 2021
Branch Manager, Indian Bank ...Applicant
Versus
M/s. Nocion Technology & Others ...Defendant[s]
To
1) **M/s. Nocion Technology, Managing Partner: Sri Yatindra Mohan Dash,** At: A-1, Mandakini Complex, Talabania, Gandamunda, PO.: Khandagiri, Bhubaneswar - 751030, Dist.: Khordha
2) **Sri Yatindra Mohan Dash (Managing Partner),** At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
3) **Smt. Lopamudra Panda (Partner),** W/o.: Yatindra Mohan Dash, At: Plot No.: 3-A, Mandakini Complex, Talabania, Gandamunda, Ganesh Nagar, Near Hanuman Temple, PO.: Khandagiri, Bhubaneswar - 751030, Dist.: Khordha
SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an **O.A. No. 375 of 2021** in the court of the Debts of Recovery Tribunal, Cuttack for recovery of **Rs.56,23,067.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.03.2022 at 10.30 a.m** as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this **10th day of Feb. 2022.**
Sd/- Manoj Kumar Patnaik
REGISTRAR

## ସଂକ୍ଷେପରେ

### ଆଜି ପଦ୍ମପୁର, ଗୁଡ଼ାରିରେ ଭୋଟ

**ରାୟଗଡ଼ା ଅଫିସ,୨୩।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ପର୍ଯ୍ୟାୟରେ ଗୁରୁବାର ପଦ୍ମପୁର ଏବଂ ଗୁଡାରିରେ ଭୋଟ ଗ୍ରହଣ ହେବ। ଏଥିପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ସମସ୍ତ ବୁଥ୍‌ରେ ପୋଲିଂ ଟିମ୍ ପହଞ୍ଚିବା ସହ ଆବଶ୍ୟକ କାଗଜପତ୍ର ମଧ ପହଞ୍ଚିଛି। ଦୁଇ ବ୍ଲକରେ ମୋଟ ୨୬୧ ବୁଥ୍ ରହିଥିବାବେଳେ ୩ ଜିଲା ପରିଷଦ ଜୋନ ରହିଛି। ୨୨ ଟି ଗ୍ରାମ ପଂଚାୟତ ରହିଛି ଉଭୟ ବ୍ଲକ୍ରେ ରେ ୬୯୩୪୩ ଭୋଟର ରହିଛନ୍ତି। ପଦ୍ମପୁରରେ ସରପଞ୍ଚ ପଦ ପାଇଁ ୪୫, ସମିତି ସଭ୍ୟ ପାଇଁ ୪୯, ୱାର୍ଡ ମେମ୍ବର ପାଇଁ ୧୩୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ଗୁଡାରିରେ ୱାର୍ଡ ମେମ୍ବର ପାଇଁ ୧୩୪, ସରପଞ୍ଚ ପଦ ପାଇଁ ୩୨, ସମିତି ସଭ୍ୟ ପାଇଁ ୨୭ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଜିଲା ପରିଷଦ ସଭ୍ୟ ପଦ ପାଇଁ ପଦ୍ମପୁରର 'ଏ' ଜୋନ୍‌ରେ ୩, 'ବି' ଜୋନ୍‌ରେ ୭ ଜଣ ସେହିପରି ଗୁଡାରିରେ ଗୋଟିଲ ଜୋନ୍‌ରେ ୫ ପ୍ରାର୍ଥୀ ରହିଛନ୍ତି। ମୋଟ ୧୫ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ସୂଚନା ମିଳିଛି।

### ଜଳିଗଲେ ମହିଳା

**ପାପଡାହାଣ୍ଡି,୨୩।୨(ଡି.ଏନ୍.ଏ.):** ନିଆଁ ଜାଳି ସେକି ହେଉଥିବାବେଳେ ତାହା ଦେହରେ ଲାଗିଯିବାରୁ ଜଣେ ମହିଳା ଗୁରୁତର ଅଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସତାନାମୀ ସାହିର ରୂପାଇ ସତନାମୀ। ରୂପାଇଙ୍କୁ ଏବେ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ବୁଧବାର ସକାଳୁ କାଠ ଜାଳି ନିଆଁ ଲଗାଇ ସେକି ହେଉଥିଲେ। ଏହି ସମୟରେ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ସାହି ପଡ଼ିଶା ଏହା ଦେଖି ତାଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ତାଙ୍କର ଦେହର ୭୦% ପୋଡ଼ିଯାଇଛି।

### ଏପ୍ରିଲ ୪ରୁ ଠାକୁରାଣୀ ଯାତ୍ରା



**ଉମରକୋଟ, ୨୩।୨(ସ୍ୱ.ପ୍ର.):** ଉମରକୋଟସ୍ଥିତ ମା' ମଙ୍ଗଳା ମନ୍ଦିର ପରିସରରେ ଠାକୁରାଣୀଙ୍କ ନବଦିନାତ୍ମକ କଳସୀ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଚଳିତ ବର୍ଷ କିଭଳି ଠାକୁରାଣୀଙ୍କ କଳସୀ ଯାତ୍ରା ସୁଚାରୁ ରୂପେ ହେବ ସେ ନେଇ ସୁଚିନ୍ତିତ ମତାମତ ଦେଇଥିଲେ। କରୋନା କଟକଣା ଯୋଗୁ ଦୁଇ ବର୍ଷ ଧରି ନିରାଡମ୍ବର ସହ ଯାତ୍ରା ପାଳିତ ହୋଇ ଆସୁଥିଲା। ତେବେ ଚଳିତ ବର୍ଷ କରୋନାର ପ୍ରଭାବ ବିଶେଷ ନ ଥିବାରୁ ଏପ୍ରିଲ ୪ରୁ ୧୨ ପର୍ଯ୍ୟନ୍ତ ମହା ଆଡମ୍ବରରେ ଠାକୁରାଣୀଙ୍କ କଳସୀ ଯାତ୍ରା ପାଳନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ କଳସୀ ଯାତ୍ରା ପାଇଁ ପୂଜା କମିଟି ଗଠନ କରାଯାଇଥିଲା। ପି.ରାବଣା ରାଓଙ୍କୁ ସର୍ବସମ୍ମତିକ୍ରମେ କମିଟି ସଭାପତିଭାବେ ମନୋନୀତ କରାଯାଇଛି। ହେମନ୍ତ ଜେନାଙ୍କୁ ଉପସଭାପତି, ବାଳକୃଷ୍ଣ ପାତ୍ରଙ୍କୁ ସମ୍ପାଦକ ଏବଂ ଗୋବିନ୍ଦ ମାଝିଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି।

### ଗୋଦାମରୁ ଚୋରି ମାମଲାରେ ୩ ଗିରଫ



**ଜୟପୁର,୨୩।୨(ନି.ପ୍ର.):** ଜୟପୁର ଦୈନିକ ବଜାର ନିକଟ ଗୋଦାମରୁ ଚୋରି ମାମଲାର ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ଜୟପୁର ଟାଉନ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗଣେଶ ପୂଜାରୀ, ତୈଳ ପୂଜାରୀ ଏବଂ ବି. ରାବଣା ଚୌଧୁରୀ। ସୂଚନାଯୋଗ୍ୟ, ଦୈନିକ ବଜାର ନିକଟରେ ଥିବା ଗୋଦାମରେ ଚୋରି ହୋଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଟାଉନ ଥାନାରେ ୪୯/୨୨ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଗଣେଶ ଏବଂ ତୈଳ ବାଇକ୍ ଚୋରି କରି ରାବଣାଙ୍କୁ ବିକ୍ରି କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏହି ଆଧାରରେ ରାବଣାଙ୍କୁ ମଧ ଗିରଫ କରାଯିବା ସହ ଚୋରି ସାମଗ୍ରୀ ଜବତ କରାଯାଇଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ସୂଚନା ଦେଇଛନ୍ତି।

# ଓଡ଼ିଶା-ଛତିଶଗଡ଼ ସୀମା ସିଲ୍, ଯାଞ୍ଚ କଡ଼ାକଡ଼ି

**ଉମରକୋଟ, ୨୩।୨(ସ୍ୱ.ପ୍ର.)**



ନବରଙ୍ଗପୁର ଏସ୍‌ପି ଛତିଶଗଡ଼ ସୀମାନ୍ତ ଦଣ୍ଡସରାରେ ସୁରକ୍ଷ ବ୍ୟବସ୍ଥା ଯାଞ୍ଚ କରୁଛନ୍ତି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପଞ୍ଚମ ତଥା ଶେଷ ପର୍ଯ୍ୟାୟ ଭୋଟଗ୍ରହଣ ନବରଙ୍ଗପୁରର ଉମରକୋଟ ଏବଂ ରାଇଘର ବ୍ଲକରେ ଗୁରୁବାର ହେବ। ବୁଧବାର ସୁଦ୍ଧା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ଗୁରୁବାର ଉମରକୋଟ ବ୍ଲକର ୨୯୬ ବୁଥ୍‌ରେ ମତଦାନ ହେବ। ବୁଧବାର ପୋଲିଂ ଅଧିକାରୀମାନଙ୍କୁ ବୁଥ୍ ସମ୍ପର୍କିତ ସମସ୍ତ ତଥ୍ୟ ଓ ନିର୍ବାଚନରେ ବ୍ୟବହୃତ ସମସ୍ତ ଜିନିଷ ହସ୍ତାନ୍ତର କରାଯାଇଥିଲା। ଉମରକୋଟ ବ୍ଲକ ନିର୍ବାଚନ ଅଧିକାରୀ ହିମାଞ୍ଚଳ ମାଝିଙ୍କ ନେତୃତ୍ୱରେ ସମସ୍ତ ସେକ୍ଟର ଅଧିକାରୀ ଏହାର ତଦାରଖ କରିଥିଲେ। ୨୯୬ ବୁଥ୍ ପାଇଁ ୮୮୮ଜଣ ପୋଲିଂ କର୍ମଚାରୀ ଅଛନ୍ତି। ୨୮ ବୁଥ୍‌ରେ ୬୦୦ରୁ ଅଧିକ ଭୋଟର ଅଛନ୍ତି। ଏହି ବୁଥ୍‌ରେ ଅଧିକ ଜଣେ ଲେଖାଏଁ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ୧୫ ପୋଲିଂ ପାର୍ଟିଙ୍କୁ

> **ଆଜି ଶେଷ ପର୍ଯ୍ୟାୟ ନିର୍ବଚନ**
> ■ ବୁଥ୍‌ରେ ପହଞ୍ଚିଲେଣି ପୋଲିଂ ପାର୍ଟି
> ■ ୧୦୮୦୪୮ ଭୋଟରଙ୍କ ହାତରେ ପ୍ରାର୍ଥୀଙ୍କ ଭାଗ୍ୟ

ରିଜର୍ଭ ରଖାଯାଇଛି। ଆବଶ୍ୟକ ସ୍ଥଳେ ଏହି କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ଯୋଗଦେବେ। ଦିନ୧୨ଟା ସୁଦ୍ଧା ସମସ୍ତ ପୋଲିଂ ଅଧିକାରୀ ସେମାନଙ୍କୁ ଆଲଟ୍ କରାଯାଇଥିବା ବୁଥ୍‌ରେ ପହଞ୍ଚିଥିଲେ। ୨୬ ପଞ୍ଚାୟତ ପାଇଁ ୨୬ ସେକ୍ଟର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ନିର୍ବାଚନ ପାଇଁ ସବୁ ବୁଥ୍‌ରେ ଉମରକୋଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିଭଳି ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଦଣ୍ଡସରା ଓ ଚିକଲ୍ପଦରରେ ଆଇଆର୍‌ବିଏନ୍ ଫୋର୍ସ ପକ୍ଷରୁ ନାକାବନ୍ଦୀ କରାଯାଇଛି। ସେଠାରେ ଚେକିଂ କଡ଼ାକଡ଼ି ଚାଲିଛି। ଏସ୍‌ପି ପି.ଏସ୍.ପରଷୋତ୍ତମ ଦାସ ବିଭିନ୍ନ ଅଞ୍ଚଳ ଗସ୍ତକରି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରୁଛନ୍ତି। ୩୯ ସମ୍ବେଦନଶୀଳ ଓ ୬ଟି ଅତି ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ଶୃଙ୍ଖଳିତ ନିର୍ବାଚନ ପାଇଁ ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ୩ ଡିଏସ୍‌ପି, ୫ ଇନ୍ସପେକ୍ଟର, ୮ସବ୍‌ଇନ୍ସପେକ୍ଟର, ୧୦ ଏଏସ୍‌ଆଇ, ୬୪ କନ୍‌ଷ୍ଟେବଲ, ୩୧ ଓଏପି ଫୋର୍ସ, ୨୫୪ ହୋମ୍‌ଗାର୍ଡ, ୨୪୯ ଗ୍ରାମରକ୍ଷୀ, ୨୨ ପାରାଗାର୍ଡ, ୮ ଫରେଷ୍ଟଗାର୍ଡ, ୧ ପ୍ଲାଟୁନ ଆଇଆର୍‌ବିଏନ୍, ଏପିଆର୍ ଫୋର୍ସ ୧ ପ୍ଲାଟୁନ, ୨ ଏସ୍‌ଓଜି ଟିମ୍, ଜଣେ ରିଜର୍ଭ ଇନ୍ସପେକ୍ଟର ନିୟୋଜିତ ହୋଇଥିବା ଉମରକୋଟ ଥାନାଧିକାରୀ କହିଛନ୍ତି। ୩ ଜିଲା ପରିଷଦ ଜୋନ୍‌ରେ ୯୭ ୱାର୍ଡ ସଦସ୍ୟ, ୮୮ ସରପଞ୍ଚ, ୮୦ ସମିତି ସଭ୍ୟ, ୯ ଜିଲା ପରିଷଦ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୧,୦୮,୦୪୮ ଭୋଟର।

# ଶିକ୍ଷକ ତଥା ସାହିତ୍ୟିକ ଦ୍ୱିତୀଙ୍କୁ ପ୍ରବାସୀ ଭାଷା ସମ୍ମାନ

### ଦି ଇଣ୍ଟେଲେକ୍ଟସ୍ ପକ୍ଷରୁ ମାତୃଭାଷା ମହାକୁମ୍ଭ

ରାୟଗଡ଼ା ଅଫିସ,୨୩।୨

ନୂଆଦିଲ୍ଲୀସ୍ଥିତ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ 'ଦି ଇଣ୍ଟେଲେକ୍ଟସ୍' ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଉପଲକ୍ଷେ ମଙ୍ଗଳବାର ରାୟଗଡ଼ାର ଶିକ୍ଷକ ତଥା ସାହିତ୍ୟିକ ଦ୍ୱିତୀ ଚନ୍ଦ୍ର ସାହୁଙ୍କୁ ପ୍ରବାସୀ ଭାଷା ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଛି। କରୋନା ଯୋଗୁ ଦିଲ୍ଲୀ ବଦଳରେ ଚଳିତ ବର୍ଷ ଉଭୟ ଆଭାସୀ ଓ ପ୍ରତ୍ୟକ୍ଷ ରୂପରେ ଭୁବନେଶ୍ୱରସ୍ଥିତ ଓଡ଼ିଆ ଭର୍ଚୁଆଲ ଏକାଡେମୀରେ ମାତୃଭାଷା ମହାକୁମ୍ଭ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ସ୍ତମ୍ଭକାର ଭଗବାନ ପ୍ରକାଶ ଉପଢୌକନ ଓ ସ୍ମାରକୀ ପ୍ରଦାନ ପୂର୍ବକ ଦ୍ୱିତୀଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ପୂର୍ବତନ ଏମ୍‌ପି ତଥା ଲେଖକ ରାମଚନ୍ଦ୍ର ଖୁଣ୍ଟିଆ ଏବଂ ଫୋରମ୍‌ର ଅଧ୍ୟକ୍ଷ ଦେବେନ୍ଦ୍ର ରାଉତ ଉପସ୍ଥିତ ଥିଲେ। ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ତଥା ସ୍ତମ୍ଭକାର ପରଂବ୍ରହ୍ମ ତ୍ରିପାଠୀ ମାନପତ୍ର ପଠନ କରିଥିଲେ। ନିରନ୍ତର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦ୍ୱିତୀ ଏଭଳି ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତାଙ୍କ ସଫଳତା ପାଇଁ ଉପସ୍ଥିତ ବିଶିଷ୍ଟ ଅତିଥିମାନେ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ଶିକ୍ଷକ ଦ୍ୱିତୀ ସଫଳତାର ସମସ୍ତ ଶ୍ରେୟ ନିଜ ଛାତ୍ରୀଛାତ୍ରଙ୍କୁ ଦେଇଛନ୍ତି। ଏହି ଆଭାସୀ କାର୍ଯ୍ୟକ୍ରମରେ ସୋଭିଏଟ୍ ୟୁନିଭର୍ସିଟିର କୁଳାଧିପତି କୁଅଁର ଶେଖର ଭିଜେନ୍ଦ୍ର, ଦିଲ୍ଲୀ ଜେଏନ୍‌ୟୁର ପ୍ରଫେସର ତଥା କବି ଆଲାମ, ପଦ୍ମଭୂଷଣ ରମାକାନ୍ତ ରଥ, ପ୍ରମୁଖ ଶାସନ ସଚିବ ତଥା କବି ବିଷ୍ଣୁପଦ ସେଠୀ, ଜର୍ମାନୀରୁ ରାଜେନ୍ଦ୍ର ନାରାୟଣ ଦାସ, ସ୍ତମ୍ଭକାର ଓ ଗାଳ୍ପିକ ଗୌରହରି ଦାସ, ଗୀତିକାର ଦେବଦାସ ଛୋଟରାୟ, ଶିକ୍ଷାବିତ କୈଳାସ ଚନ୍ଦ୍ର ଟୀକାୟତରାୟ, ପୂର୍ବତନ ବୈଦେଶିକ ସଚିବ ଅମରେନ୍ଦ୍ର ଖଟୁଆ, ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଦେଶ ଓ ବିଦେଶରୁ ବୁଦ୍ଧିଜୀବୀ, ଲେଖକ ଓ କବି ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ବିଷୟରେ ନିଜ ବିଚାର ରଖିଥିଲେ।



ଦ୍ୱିତୀ ଅତିଥିଙ୍କଠାରୁ ସମ୍ମାନ ଗ୍ରହଣ କରୁଛନ୍ତି।

# ନିଆଁ ଜାଳି ଜଗୁଛନ୍ତି ଷ୍ଟ୍ରଙ୍ଗ୍ ରୁମ୍



କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟ ବାହାରେ ପ୍ରାର୍ଥୀ ଓ ବିଭିନ୍ନ ଦଳର କର୍ମୀମାନେ।

**ନନ୍ଦାହାଣ୍ଡି/କୋଷାଗୁମୁଡ଼ା, ୨୩।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଶେଷ ତଥା ପଞ୍ଚମ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ହେବ। ଏହା ପୂର୍ବରୁ ୪ ପର୍ଯ୍ୟାୟରେ ଭୋଟ ଗ୍ରହଣ ସରିଛି। ବାଲଟ ବାକ୍ସଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ପ୍ରାର୍ଥୀ ଓ ଦଳ କିନ୍ତୁ ପ୍ରଶାସନ ଉପରେ ଭରସା କରିପାରୁ ନାହାନ୍ତି। ସେମାନେ ନିଜ ଆଡୁ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଜଗୁଛନ୍ତି। ଏପରି ଦୃଶ୍ୟ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସରୁଗୁଡା ଆଦର୍ଶ ବିଦ୍ୟାଳୟ ଓ କୋଷାଗୁମୁଡ଼ା ବ୍ଲକ କାର୍ଯ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ବାହାରେ ଦେଖିବାକୁ ମିଳିଛି।

ନନ୍ଦାହାଣ୍ଡି ବ୍ଲକର ୧୧ ପଞ୍ଚାୟତରେ ଚଳିତ ମାସ ୧୮ରେ ଭୋଟ ଗ୍ରହଣ ହୋଇଥିଲା। ୧୩୦ ବୁଥ୍‌ରେ ୪୪, ୩୧୨ ଭୋଟର ମତଦାନ କରିଥିଲେ। ବ୍ଲକରେ ୧୧ ପଞ୍ଚାୟତରେ ୮୧.୫୨% ମତଦାନ ହୋଇଥିଲା। ଭୋଟ ବାକ୍ସଗୁଡିକୁ କଡ଼ା ସୁରକ୍ଷା ମଧ୍ୟରେ ନନ୍ଦାହାଣ୍ଡି ସ୍ଥିତ ଆଦର୍ଶ ବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ଏଠାରେ ସିସିଟିଭି ଫୁଟେଜ ଦେଖିବା ପାଇଁ ଏଲ୍‌ଇଡି ଲଗାଯାଇଛି। ସୁରକ୍ଷା ପାଇଁ ଆଇଆର୍‌ବି ବାଟାଲିୟନ ଯବାନମାନେ ବନ୍ଧୁକ ଧରି ଜଗୁଛନ୍ତି। ତଥାପି ବିଭିନ୍ନ ଦଳର ନେତା ଓ କର୍ମୀଙ୍କ ମନ ମାନୁ ନ ଥିବାରୁ ସେମାନେ ମଧ ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଜଗି ବସିଛନ୍ତି। ଭୋଟ ଫଳାଫଳ ଆସିବା ପର୍ଯ୍ୟନ୍ତ ଷ୍ଟ୍ରଙ୍ଗ୍‌ରୁମ୍ ଜଗିବୁ ବୋଲି ସେମାନେ କହିଛନ୍ତି।

ସେହିଭଳି କୋଷାଗୁମୁଡା ବ୍ଲକରେ ରବିବାର ତୃତୀୟ ପର୍ଯ୍ୟାୟରେ ଭୋଟ ଶେଷ ହୋଇଛି। ପ୍ରତ୍ୟେକ ବୁଥ୍‌ର ଭୋଟ୍ ବାକ୍ସକୁ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟର ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। କିନ୍ତୁ ପ୍ରଶାସନ ଉପରେ କର୍ମୀମାନଙ୍କ ବିଶ୍ୱାସ ରହୁନାହିଁ। କେତୋଟି ପଞ୍ଚାୟତର କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ତମ୍ବୁ ପକାଇ ଜଗୁଛନ୍ତି। ରାତି ହେଲେ ସେଠାରେ ସେମାନେ ନିଆଁ ଲଗାଇ ବସୁଛନ୍ତି। ଦିନ ତମାମ ମଧ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭିଡ଼ ଦେଖିବାକୁ ମିଳୁଛି।

### ଭୋଟ ଗଣତି ପାଇଁ କର୍ମଚାରୀଙ୍କୁ ତାଲିମ

**ଗୁଣପୁର,୨୩।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଭୋଟ ଗଣତି ପାଇଁ ବୁଧବାର କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ନିର୍ବାଚନ ଅଧିକାରୀ ଶାନ୍ତିପ୍ରଭା ପ୍ରଧାନ ଏବଂ ଅତିରିକ୍ତ ତହସିଲଦାର କପିଳେଶ୍ୱର ତାଣ୍ଡି ଭୋଟ ଗଣତି କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ତାଲିମ ଦେଇଥିଲେ। ୨୬ରେ ଗୁଣପୁର ବ୍ଲକର ଦୁଇଟି ଜୋନ୍ ମଧ୍ୟରୁ 'କ' ଜୋନ୍‌ର ୧୧ ପଞ୍ଚାୟତର ୧୩୧ ବୁଥ୍ ଏବଂ ୨୭ ରେ 'ଖ' ଜୋନ୍‌ର ୮ ପଞ୍ଚାୟତର ୧୦୦ ବୁଥ୍ ପାଇଁ ଭୋଟ ଗଣତି ହେବ। 'କ' ଜୋନ୍‌ରେ ଆବାଡ଼ା, ଶଗଡ଼ା, ପୁଟାସିଂ, ଟଲଣା, ଜଲତାର, ଭୀମପୁର, ଟିଟିମିରି, ଘନାନ୍ତ୍ରୀ, ଡମ୍ବସରା, ଚାଲକମ୍ବା ଓ ବାଗଶଳା ପଞ୍ଚାୟତ ରହିଥିବାବେଳେ 'ଖ' ଜୋନ୍‌ରେ ରେଗେଡା, ଗାଦିଆଖଲା, ମରମା, ଗୋଠଲପଦର, ଜଗନ୍ନାଥପୁର, ଶିରିଝୋଲି, କୁଲୁସିଂ ଏବଂ ଚିନାସାରି ପଞ୍ଚାୟତ ରହିଛି। ଗୁଣପୁର ବ୍ଲକର ଦୁଇଟି ଜିଲା ପରିଷଦ ସଭ୍ୟ ପାଇଁ ୨୩୧ ବୁଥ୍‌ରେ ମତଦାନ ହୋଇଥିଲା। ୧୦ ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ୭୪ ସରପଞ୍ଚ, ୭୧ ସମିତି ସଭ୍ୟ ଏବଂ ୧୪୯ ୱାର୍ଡମେମ୍ବରଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।

# ଷ୍ଟ୍ରଙ୍ଗ୍‌ରୁମ୍ ଆଗରେ ପଇଁତରା ମାରୁଛନ୍ତି ନେତା, କର୍ମୀ

**ମୁନିଗୁଡ଼ା,୨୩।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ଭୋଟ ଗ୍ରହଣ ସରିଛି। ବ୍ଲକ କାର୍ଯ୍ୟାଳୟ ନିକଟସ୍ଥ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ କଡ଼ା ସୁରକ୍ଷା ମଧ୍ୟରେ ବାଲଟ୍ ବାକ୍ସକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଛି। ବ୍ଲକ୍‌ର 'କ' ଓ 'ଖ' ୨ ଜୋନ୍‌ରେ ଜିଲା ପରିଷଦ ଆସନ ପାଇଁ ଏବଂ ୧୭ ସରପଞ୍ଚ, ସମିତି ସଭ୍ୟ ସହ ବିଭିନ୍ନ ପଞ୍ଚାୟତର ୨୧୧ ୱାର୍ଡ ସଭ୍ୟ ପାଇଁ ମତଦାନ ହୋଇଛି। ତେବେ ବାଲଟ ବାକ୍ସଗୁଡ଼ିକୁ କଡ଼ା ସୁରକ୍ଷା ଦେବାକୁ ପୋଲିସ ପକ୍ଷରୁ ଷ୍ଟ୍ରଙ୍ଗ୍ ରୁମ୍ ଚାରିପାର୍ଶ୍ୱରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଛି। ପୋଲିସ ପଇଁତରା ମାରୁଛି। ଅନ୍ୟପକ୍ଷରେ ଷ୍ଟ୍ରଙ୍ଗ୍ ରୁମ୍ ନିକଟରେ ବିଭିନ୍ନ ଦଳର ନେତା ଓ କର୍ମୀ ମଧ ପଇଁତରା ମାରୁଛନ୍ତି। ମୁନିଗୁଡ଼ା ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ସରସ୍ୱତୀ ଶବର ଷ୍ଟ୍ରଙ୍ଗ୍ ରୁମ୍ ସମ୍ମୁଖରେ ନିଆଁ ଲଗାଇ ଜଗି ରହିଥିବା ଦେଖାଯାଇଥିବାବେଳେ କଂଗ୍ରେସ ବ୍ଲକ ସଭାପତି ନୀଳାମ୍ବର ବିଭାର, ଏମ୍‌ପିଙ୍କ ପ୍ରତିନିଧି ମାନସ ରଞ୍ଜନ ବେହେରା ଓ ଏସ୍‌ସି ସେଲ୍‌ର ଜିଲା ଉପାଧ୍ୟକ୍ଷ ରମେଶ ପାଲକାଙ୍କ ସମେତ ଅନ୍ୟ ଦଳୀୟ ନେତା ଓ କର୍ମୀ ଷ୍ଟ୍ରଙ୍ଗ୍‌ରୁମ୍ ପାଖରେ ପଇଁତରା ମାରୁଥିବା ନଜରକୁ ଆସିଛି। ତେବେ ୨୬ରେ 'କ' ଜୋନ୍‌ରେ ଏବଂ ୨୭ରେ 'ଖ' ଜୋନ୍‌ରେ ଜିଲା ପରିଷଦ ଆସନ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡସଭ୍ୟ ପାଇଁ ହୋଇଥିବା ନିର୍ବାଚନର ଫଳାଫଳ ଘୋଷଣା ହେବ ବୋଲି ମୁନିଗୁଡ଼ା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି।

### ମହିଳାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପିନେଲେ ଦୁର୍ବୃତ୍ତ

**ମୁନିଗୁଡା, ୨୩।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ମୁନିଗୁଡାର ବ୍ୟସ୍ତବହୁଳ ସିନେମାହଲ ରାସ୍ତାରେ ଜଣେ ମହିଳାଙ୍କ ବେକରୁ ଜଣେ ଦୁର୍ବୃତ୍ତ ମଙ୍ଗଳସୂତ୍ର ଝାମ୍ପି ନେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନାନୁଯାୟୀ, ମଙ୍ଗଳବାର ରାତି ୮ଟାବେଳେ ସ୍ଥାନୀୟ ଅଞ୍ଚଳର ଡି. କଳ୍ପନା ଘରକୁ ଯାଉଥିବାବେଳେ ହଠାତ୍ ଜଣେ ଆସି ତାଙ୍କ ବେକରୁ ମଙ୍ଗଳସୂତ୍ର ଝାମ୍ପି ନେଇଥିଲେ। ମୁନିଗୁଡାରେ ମହିଳାଙ୍କ ଗହଣା ଲୁଟିବା ଏହା ପ୍ରଥମ ଘଟଣା।

### ସ୍ତ୍ରୀଙ୍କୁ ହତ୍ୟାକରି ଫେରାର ହୋଇଥିବା ଅଭିଯୁକ୍ତ ଗିରଫ

**ନବରଙ୍ଗପୁର,୨୩।୨(ବି.ପ୍ର.)**

ସ୍ତ୍ରୀଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ଜଣେ ଅଭିଯୁକ୍ତଙ୍କୁ ନବରଙ୍ଗପୁର ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ନବରଙ୍ଗପୁର ଥାନା ଅଧୀନ ତାରାଗାଁର ମୋହନ ହରିଜନ। ସୂଚନାନୁଯାୟୀ, ଅଭିଯୁକ୍ତଙ୍କ ସ୍ତ୍ରୀ ନବୀନା ଆବାସ ଯୋଜନାରେ ଘର ତିଆରି କରୁଥିଲେ। ଏହି ସମୟରେ ସ୍ୱାମୀ ମୋହନ ଘର ତିଆରି ପାଇଁ ରହିଥିବା ଚିପ୍‌ସ ବିକ୍ରି କରିବାକୁ କାଢ଼ିଥିଲେ। ନବୀନା ଏହାକୁ ବାରଣ କରିବାରୁ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା । ଉକ୍ତ ଦିନ ଅର୍ଥାତ୍ ୨୦୨୦ ଜାନୁୟାରୀ ୨୧ ତାରିଖରେ ମୋହନ ନବୀନାକୁ ଶାବଳରେ ପିଟି ହତ୍ୟା କରି ଫେରାର ହୋଇ ଯାଇଥିଲେ। ଏନେଇ ପରିବାର ପକ୍ଷରୁ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ୧୯/୨୦ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା। କୋର୍ଟ ଜିଆର ନମ୍ବର ୬୮/୨୦ ରୁଜୁ ହୋଇଥିଲା। ଦୀର୍ଘଦିନ ଫେରାହେବା ପରେ କୋର୍ଟ ପକ୍ଷରୁ ଗିରଫ ପରୱାନା ଜାରି କରାଯାଇଥିଲା। ନବରଙ୍ଗପୁର ପୋଲିସ ଏହାର ତଦନ୍ତ ଚଳାଇଥିଲେ। ଅଭିଯୁକ୍ତ ଦୁଇ ଦିନ ହେବ ଜୟପୁରକୁ ଆସି ରହୁଥିବା ନେଇ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ ବିଶେଷ ସୂତ୍ରରୁ ଖବର ପାଇଥିଲେ। ଏଏସ୍‌ଆଇ ଗୁଣନିଧି ବାଗ, କ୍ଷୀରସିନ୍ଧୁ ସାହୁ, ହେମନ୍ତ ମାଝି, ସୋମନାଥ ନାୟକ ଏକ ଟିମ୍ ଗଠନ କରି ଆଇଆରବିଏନ୍ ଫୋର୍ସ ସହ ଜୟପୁରରେ ପହଞ୍ଚି ଅଭିଯୁକ୍ତ ମୋହନ ହରିଜନଙ୍କୁ ଗିରଫ କରିଛନ୍ତି।

# ଖଟିଆରେ ୨ କି.ମି. ବୁହାହେଲେ ରୋଗୀ

### ଗାଁକୁ ନାହିଁ ରାସ୍ତା

**ମୁନିଗୁଡା,୨୩।୨(ଡି.ଏନ୍.ଏ.)**

ରାସ୍ତା ଖରାପ ଥିବାରୁ ଗାଁକୁ ଯାଇ ପାରିଲାନି ଆମ୍ବୁଲାନ୍ସ। ଫଳରେ ରୋଗୀଙ୍କୁ ପରିବାର ଲୋକେ ୨ କି.ମି. ଦୂରରେ ଥିବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିଥିଲେ। ଏପରି ଘଟଣା ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଜଗଦଲପୁର ପଞ୍ଚାୟତ ହାତିଚାଞ୍ଚଡା ଗାଁରେ ଦେଖିବାକୁ ମିଳିଛି। ବୁଧବାର ସନ୍ଧ୍ୟାରେ ହାତିଚାଞ୍ଚଡା ଗାଁରେ ରାଜେସ ଜାକେସିକା(୬) ଖେଳିବା ସମୟରେ ପଡି ଯିବାରୁ ତାଙ୍କର ପେଟ ଓ ପିଠିରେ ଗଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଡାକ୍ତରଖାନା ଆଣିବା ପାଇଁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଗାଁ ଆଗରୁ ପଡୁଥିବା ଏକ କଲଭର୍ଟ କାମ ଦୀର୍ଘ ବର୍ଷ ଧରି ସରି ନ ଥିବାରୁ ଆମ୍ବୁଲାନ୍ସଟି ଗାଁକୁ ଯାଇପାରି ନଥିଲା। ଗ୍ରାମବାସୀ ଓ ଆମ୍ବୁଲାନ୍ସ କର୍ମଚାରୀ ମନୋରଞ୍ଜନ କର ମିଶି ରାଜେଶଙ୍କୁ ଖଟିଆରେ ବୋହି ଆଣିଥିଲେ। ତାଙ୍କୁ ମୁନିଗୁଡା ଡାକ୍ତରଖାନାକୁ ଅଣାଯାଇଥିଲା ଗୁରୁତର ଥିବାରୁ ରାଜେଶଙ୍କୁ ବିଷମକଟକ ଖ୍ରୀଷ୍ଟିୟାନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାସ୍ତା କାମ ଶୀଘ୍ର ସାରିବାକୁ ଗ୍ରାମବାସୀ ଦାବି କରୁଛନ୍ତି।



ଗ୍ରାମବାସୀ ରାଜେଶଙ୍କୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ନେଉଛନ୍ତି।

# ବିଜୟ ଆଶାରେ ସବୁ ଦଳ

**ପଦ୍ମପୁର,୨୩।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ଗୁରୁବାର ଶେଷ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବ। ୧୫୯ ବୁଥ୍‌ରେ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ବ୍ଲକରେ ୧୫୯ ବୁଥ୍ ମଧ୍ୟରୁ ୬୧ ସମ୍ବେଦନଶୀଳ ଓ ୨୭ ଅତି ସମ୍ବେଦନଶୀଳ ଚିହ୍ନଟ ହୋଇଛି। ବ୍ଲକରେ ଦୁଇଟି ଜିଲା ପରିଷଦ ଆସନ ପାଇଁ ୧୦ ପ୍ରାର୍ଥୀ, ୧୩ ପଞ୍ଚାୟତ ପାଇଁ ୬୨ ସରପଞ୍ଚ ପ୍ରାର୍ଥୀ, ୬୬ ସମିତି ସଭ୍ୟ ପ୍ରାଥୀ ନିର୍ବାଚନ ମଇଦାନରେ ଅଛନ୍ତି। ମୋଟ ୪୧ ହଜାର ୩୮୪ ଭୋଟର ରହିଥିବାବେଳେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ପରିଚାଳନା କରିବା ପାଇଁ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଦୟାମୟ ପାତ୍ରୀ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଜିପିଓ ଅଜୟ କୁମାର ଦାସ, ଏପିଓ ଅକ୍ଷୟ କୁମାର ମହାନ୍ତି, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ ଓ ପଦ୍ମପୁର ଥାନାଧିକାରୀ ସୁଶାନ୍ତ କୁମାର ତାଡିଙ୍ଗିଆଙ୍କ ସମେତ ପୋଲିସ ଫୋର୍ସ ଦାୟିତ୍ୱରେ ଥିବା ଜଣାପଡ଼ିଛି।

ଶେଷ ପର୍ଯ୍ୟାୟ ମତଦାନକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳର ହେଭିଓ୍ୱେଟ୍ ନେତା ପଦ୍ମପୁରରେ ପ୍ରଚାରକୁ ଓହ୍ଲାଇ ସମ୍ମାନ ବଞ୍ଚାଇ ରଖିବା ପାଇଁ ଆପ୍ରାଣ ଉଦ୍ୟମ



ପୋଲିଂ ଅଧିକାରୀମାନେ ଭୋଟବାକ୍ସ ନେଇ ନିଜ ବୁଥ୍‌କୁ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି।

> ■ ଆଜି ପଦ୍ମପୁର ବ୍ଲକର ୧୫୯ କେନ୍ଦ୍ରରେ ଭୋଟ
> ■ ପ୍ରଚାରକୁ ଓହ୍ଲାଇଥିଲେ ହେଭିଓ୍ୱେଟ୍

କରିଥିଲେ। ବିଶେଷକରି ପଦ୍ମପୁର 'କ' ଓ 'ଖ' ଜୋନ୍ ଜିଲା ପରିଷଦ ଆସନ ପାଇଁ ନେତାଙ୍କ ବିକଳ କହିଲେ ନସରେ। 'କ' ଜୋନ୍‌ରୁ କଂଗ୍ରେସ ପ୍ରାର୍ଥୀ ସବିତା ଗମାଙ୍ଗ, ବିଜେଡି ପକ୍ଷରୁ ତରଗିନ ଶବର ଓ ଭାଜପା ପକ୍ଷରୁ ରେଣୁକା ଗମାଙ୍ଗ ପ୍ରାର୍ଥୀ ରହିଛନ୍ତି। ସେହିଭଳି 'ଖ' ଜୋନ୍‌ରୁ କଂଗ୍ରେସର ଅନିଲ ଚୌଧୁରୀ, ବିଜେଡିରୁ ରବି ନାରାୟଣ ଆଚାର୍ଯ୍ୟ ଏବଂ ଭାଜପାର ଦେବେନ୍ଦ୍ର ପଣ୍ଡା ପ୍ରାର୍ଥୀ ହୋଇଛନ୍ତି। ୩ ପ୍ରମୁଖ ଦଳ ଉପରେ ସମସ୍ତଙ୍କ ନଜର ରହିଛି। 'କ' ଜୋନ୍‌ରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଦିବଂଗତ ଭାଗୀରଥି ଗମାଙ୍ଗଙ୍କ ଝିଅ ସବିତା ପ୍ରାର୍ଥୀ ଥିବାରୁ ବହୁ ପଞ୍ଚାୟତରେ ତାଙ୍କ ଆଦର୍ଶକୁ ପାଥେୟକରି ବିକାଶ ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ପ୍ରତିଶ୍ରୁତି ଦେଇ ପ୍ରଚାର କରିଥିଲେ। 'ଖ' ଜୋନ୍‌ରେ କଂଗ୍ରେସରୁ ଅନିଲ୍ ଚୌଧୁରୀ ମଧ ଭୋଟରଙ୍କୁ ମନାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ତେବେ କଂଗ୍ରେସ ଦଳ ମଧ୍ୟରେ ଟିକେଟ ବଣ୍ଟାଠାରୁ ଆରମ୍ଭକରି ପରସ୍ପର ମଧ୍ୟରେ ମତଭେଦ ଯୋଗୁ ବ୍ଲକ ସଭାପତି ମଧ ପ୍ରଚାରରେ ସାମିଲ ହୋଇ ନ ଥିଲେ। ବରିଷ୍ଠ ନେତା ବିଜୟ ଗମାଙ୍ଗଙ୍କ ବ୍ୟତୀତ ଅନ୍ୟ ବରିଷ୍ଠ ନେତାଙ୍କ ଦେଖା ମିଳି ନ ଥିଲା।

ଅନ୍ୟପକ୍ଷରେ ଦଳର ସମ୍ମାନ ରକ୍ଷା ପାଇଁ ଏମ୍‌ପି ସପ୍ତଗିରି ଉଲାକା ପହଞ୍ଚି ପ୍ରଚାର କରିଥିଲେ। ଏହି ଜୋନ୍‌ରୁ ବିଜେଡି ପକ୍ଷରୁ ରବିନାରାୟଣ ଆଚାର୍ଯ୍ୟ ପ୍ରାର୍ଥୀ ହୋଇଥିବାବେଳେ ଦଳକୁ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଗୋଦାବରୀ ରାଉତଙ୍କ ଚିନ୍ତା ଘାରିଛି। କାରଣ ଦୀର୍ଘ ବର୍ଷ ଧରି ଏହି ବ୍ଲକରେ ବିଜେଡିକୁ ନିଜ ହାତମୁଠାରେ ରଖିଥିଲେ ଗୋଦାବରୀ। ଦଳ ଭିତରେ ଗୋଷ୍ଠୀ କନ୍ଦଳ ଯୋଗୁ ଏବେ ଗୋଦାବରୀ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜେଡି ପାଇଁ କଣ୍ଟା ସାଜିଛନ୍ତି। ତେଣୁ ବିଜେଡିକୁ ଜିତାଇବା ପାଇଁ ବଡ଼ ବଡ଼ ନେତା ଏଠାରେ ଡେରା ପକାଇ ପ୍ରଚାର କରିଥିଲେ। ଦୁଇଟି ଜୋନ୍ ହାତେଇବା ପାଇଁ ବିଜେଡି ପକ୍ଷରୁ ରାଜ୍ୟସଭା ସଦସ୍ୟ ଏନ୍. ଭାସ୍କର ରାଓ, ଦଳର ଜିଲା ସଭାପତି ସୁଧୀର ଦାଶ, ବିଧାୟକ ରଘୁନାଥ ଗମାଙ୍ଗ, ଯୁବନେତା ବିଷ୍ଣୁ ପଣ୍ଡା ଦିନରାତି ଏକ କରିଦେଇଥିଲେ। ସେହିପରି ଭାଜପା 'ଖ' ଜୋନ୍‌ରୁ ଦେବେନ୍ଦ୍ର ଓ ରେଣୁକାଙ୍କ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ ପ୍ରଚାର କରିଥିଲେ। ତେବେ ଏହି ଜୋନ୍‌ରେ କଂଗ୍ରେସ ଓ ବିଜେଡିର ପଲ୍ଲା ଭାରି ଥିବା ରାଜନୈତିକ ବିଶେଷଜ୍ଞଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

